# ଭାରତ ଜଗତର ଗୁରୁ ହେବା ବିଧିନିର୍ଦ୍ଦିଷ୍ଟ

"ଭାରତର ପ୍ରକୃତ ଆଧ୍ୟାତ୍ମିକ ଭାଗ୍ୟ ହେଉଛି ପୃଥିବୀର ଗୁରୁ ହେବା।" **ଶ୍ରୀ ମା**

"ଭାରତର ଭବିଷ୍ୟତ ଖୁବ୍ ସ୍ପଷ୍ଟ। ଭାରତ ହେଉଛି ପୃଥିବୀର ଗୁରୁ। ପୃଥିବୀର ଭବିଷ୍ୟତର ଜୀବନ ଶୈଳୀ ଭାରତ ଉପରେ ନିର୍ଭରଶୀଳ। ଭାରତ ହେଉଛି ଏକ ଜୀବନ୍ତ ଆତ୍ମା। ଭାରତର ଆଧ୍ୟାତ୍ମିକ ଜ୍ଞାନ ପୃଥିବୀରେ ସଂକ୍ରମିତ ହେଉଛି। ଭାରତ ସରକାର ନିଶ୍ଚିତ ଭାବରେ ଭାରତର ଏହି ଆଧ୍ୟାତ୍ମିକ ଆଭିମୁଖ୍ୟକୁ ସ୍ୱୀକୃତି ଦେବା ଏବଂ ସେହି ଅନୁସାରେ ନିଜର ଭବିଷ୍ୟତ କାର୍ଯ୍ୟ ପନ୍ଥା ସ୍ପଷ୍ଟ ନିର୍ଧାରଣ କରିବା ଆବଶ୍ୟକ।"

**ଶ୍ରୀ ମା**

"ମୁଁ ଶହଶହ, ହଜାର-ହଜାର ଶିଷ୍ୟ ଚାହେଁ ନାହିଁ। ଏହା ଯଥେଷ୍ଟ ହେବ ଯଦି ମୁଁ ଶହେ ଜଣ ପୂର୍ଣ୍ଣାଙ୍ଗ ମଣିଷମାନଙ୍କୁ ପାଇପାରେ, ଯେଉଁମାନେ ସଂକୀର୍ଣ୍ଣ ଅହଂକାରରୁ ମୁକ୍ତ ହୋଇଥିବେ ଓ ଭଗବାନଙ୍କର ଯନ୍ତ୍ର ହୋଇଥିବେ। ପ୍ରଚଳିତ ସମୟରେ ଗୁରୁ ପରମ୍ପରାକୁ ନେଇ ଚାଲିଥିବା ବ୍ୟବସାୟରେ ମୋର ବିଶ୍ୱାସ ନାହିଁ। ମୋର ଗୁରୁ ହେବାର କୌଣସି ଅଭିପ୍ରାୟ ନାହିଁ। ଯଦି କୌଣସି ବ୍ୟକ୍ତିର ଅନ୍ତର୍ନିହିତ ଓ ସୁପ୍ତ ଭଗବାନ ଜାଗ୍ରତ ହୁଅନ୍ତି ଏବଂ ଦିବ୍ୟ ଜୀବନକୁ ପ୍ରାପ୍ତ ହୁଅନ୍ତି,--ଏହା ମୋର ସ୍ପର୍ଶ କିମ୍ବା ଅନ୍ୟ କାହାର ସ୍ପର୍ଶରେ ସମ୍ଭବ ହୁଏ— ଏହା ମୁଁ ଚାହେଁ। ଏହିଭଳି ଆଧ୍ୟାତ୍ମିକ ମଣିଷମାନେ ଦେଶକୁ ଉପରକୁ ଉଠାଇ ପାରିବେ।"

**ଶ୍ରୀ ଅରବିନ୍ଦ**

**ଭାରତ ଆଧ୍ୟାତ୍ମିକ ଗୁରୁ ହେବା ସପକ୍ଷରେ ଚାରୋଟି ଯୁକ୍ତି**:

**ପ୍ରଥମ ଯୁକ୍ତି:** ଗୁରୁ ହେଉଛନ୍ତି ଭଗବାନଙ୍କର ସପ୍ତ ବ୍ୟକ୍ତିତ୍ୱ ମଧ୍ୟରୁ ଗୋଟିଏ। ତେଣୁ ଭାରତ ଜଗତର ଗୁରୁ ହେବା ଅର୍ଥ ସେ ଏକା ଧାରାରେ ବିଶ୍ୱସମୁଦାୟର ସୃଷ୍ଟିକାରୀ ପିତା, ସୃଷ୍ଟିକାରିଣୀ ମାତା, ସମସ୍ତଙ୍କୁ ବରଣକରୁଥିବା ଓ ଆଲିଙ୍ଗନ କରିପାରୁଥିବା ପରମ ପ୍ରେମିକ, ସକଳ କର୍ମର ପ୍ରଭୁ, ଆମ ଭିତରେ ପ୍ରଗତି କରୁଥିବା ବାଳୁତ ଭଗବାନ, ଅନ୍ତରର ପଥପ୍ରଦର୍ଶକ ଓ କରୁଣାର୍ଦ୍ର ସଖା ହୋଇପାରିବେ।

**ଦ୍ୱିତୀୟ ଯୁକ୍ତି:** ଜଣେ ଆଧ୍ୟାତ୍ମିକ ମଣିଷର ଲକ୍ଷଣ ହେଲା ତାଙ୍କର ଭଗବାନଙ୍କ ସହିତ ସମ୍ପର୍କ ପ୍ରତ୍ୟକ୍ଷ ହୋଇଥିବ, ସବୁ ପ୍ରାଣୀଙ୍କ ପ୍ରତି ସମ ଦୃଷ୍ଟି ଓ ସକଳ ବିଶ୍ୱ ଓ ବିଶ୍ୱାତୀତଙ୍କ ସହ ଏକୀଭୂତହୋଇ ଜୀବନ ବଞ୍ଚିପାରୁଥିବ। କ୍ରମବର୍ଦ୍ଧମାନ ଭାଗବତ ମିଳନ ସହିତ ତାଙ୍କ ମଧ୍ୟରେ ଭଗବାନଙ୍କର ସପ୍ତ ବ୍ୟକ୍ତିତ୍ୱର ପ୍ରକାଶ ହେଉଥିବ। ପ୍ରତ୍ୟେକ ଧର୍ମ ଓ ସମ୍ପ୍ରଦାୟରେ ଏଭଳି ବ୍ୟକ୍ତିତ୍ୱ ମାନଙ୍କର ଆବିର୍ଭାବ ଭାରତକୁ ଏକୀଭୂତ କରିବାରେ ସାହାଯ୍ୟ କରିବ।

**ତୃତୀୟ ଯୁକ୍ତି:** ପୁରାତନ ପାରମ୍ପରିକ ଯୋଗ ମାର୍ଗରେ ଜଣେ ଗୁରୁ ହେବାର ଲକ୍ଷଣ ହେଉଛି ତାଙ୍କମଧ୍ୟରେ କ୍ଷର ଓ ଅକ୍ଷର ପୁରୁଷ କ୍ରିୟାଶୀଳ ହେଉଥିବେ ଏବଂ ସେ ଲୋକସଂଗ୍ରହ କରିବାପାଇଁ ବାହ୍ୟ ଅବଲମ୍ବନର ସାହାଯ୍ୟ ନେଇପାରୁଥିବେ। ବହୁ ବର୍ଷ କ୍ଷର (ସର୍ବଭୂତାନି ଚାତ୍ମନି) ଓ ଅକ୍ଷର (ସର୍ବଭୂତସ୍ଥ ଚାତ୍ମାନ) ଭିତରେ ଜୀବନ ବଞ୍ଚିବା ପରେ ସେ ପୁରୁଷୋତ୍ତମ ଚେତନାକୁ ପ୍ରାପ୍ତ ହୁଅନ୍ତି। ଏବଂ ସେଠାରୁ ପରମଧାମକୁ ଯାତ୍ରା କରନ୍ତି।

**ଚତୁର୍ଥ ଯୁକ୍ତି:** ପୂର୍ଣ୍ଣଯୋଗରେ ଜଣେ ନାମଫଳକ ନଥିବା (nameless) ଗୁରୁଙ୍କର କିମ୍ବା ଯନ୍ତ୍ରଙ୍କର ଲକ୍ଷଣ ହେଉଛି ତାଙ୍କର ଚେତନା ପ୍ରାଥମିକ ସ୍ତରରେ ହୃଦୟର ଚୈତ୍ୟ ଆତ୍ମା ଓ ମଥା ଉପରର ଆଧ୍ୟାତ୍ମିକ ଆତ୍ମା ମଧ୍ୟରେ ଗତିଶୀଳ ହେଉଥିବେ ଏବଂ ପରବର୍ତ୍ତୀ ସମୟରେ ଚୈତ୍ୟ ପୁରୁଷ ଓ ଆଧ୍ୟାତ୍ମିକ ପୁରୁଷଙ୍କର ଗତିକୁ ଜଗତୀକରଣ କରିପାରୁଥିବେ। ଚେତନାକୁ ଆତ୍ମାଠାରୁ ଜଗତ ଆଡ଼କୁ ଗତିଶୀଳ କରେଇବା ଦ୍ୱାରା ଜଗତର ହିତ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିବେ। ଏହି ଚେତନାର ଅଭିଯାତ୍ରାରେ ତାଙ୍କର କୌଣସି ବାହ୍ୟ ଅବଲମ୍ବନର ଆବଶ୍ୟକତା ନାହିଁ। ଶେଷରେ ଏହି କର୍ମକୁ ପରିପୂର୍ଣ୍ଣ କରିବା ପାଇଁ ସେ ଅତିମାନସ ଚେତନାକୁ ଆରୋହଣ କରନ୍ତି ଓ ଜଡ଼ ଜଗତର ରୂପାନ୍ତର ନିମନ୍ତେ ଅତିମାନସ ମାତା ଚୈତ୍ୟ ପୁରୁଷ ଓ ଆଧ୍ୟାତ୍ମିକ ପୁରୁଷ ମଧ୍ୟକୁ ଅବତରି ଆସନ୍ତି।

ଶ୍ରୀ ଅରବିନ୍ଦ ତାଙ୍କ ଦିବ୍ୟ କର୍ମ ଓ ଭାରତକୁ ଗୁରୁ ହେବାନିମନ୍ତେ ଉପରୋକ୍ତ ଯନ୍ତ୍ରମାନଙ୍କୁ ଆମନ୍ତ୍ରଣ କରିଛନ୍ତି।

**ଭାରତ ଆଧ୍ୟାତ୍ମିକ ଗୁରୁ ହେବା ବିପକ୍ଷରେ ଚାରୋଟି ଯୁକ୍ତି**:

**ପ୍ରଥମ ଯୁକ୍ତି:** ଭାରତର ଆତ୍ମା ଏକ କିନ୍ତୁ ତାର ଭୂଖଣ୍ଡ ବିଭାଜିତ। ଭାରତ ପୃଥିବୀକୁ ଏକତ୍ୱର ମନ୍ତ୍ରରେ ଦୀକ୍ଷିତ କରିବାକୁ ହେଲେ ତାକୁ ତାର ଆତ୍ମ ଶକ୍ତିକୁ ବହୁଗୁଣିତ କରି ନିଜର ହୃତ ଭୂଖଣ୍ଡକୁ ଫେରିପାଇବାକୁ ହେବ।

**ଦ୍ୱିତୀୟ ଯୁକ୍ତି:** ସରକାରୀ ଅମଲାତନ୍ତ୍ରକୁ ଦୁର୍ନୀତି ମୁକ୍ତ ହେବା ନିହାତି ଆବଶ୍ୟକ। ଦୁର୍ନୀତି ମୁକ୍ତ ଜୀବନର ଲକ୍ଷଣ ହେଉଛି ମୂହୁର୍ତ୍ତକୁ ମୂହୁର୍ତ୍ତ ନିରନ୍ତର ଭାବରେ ସତ୍ୟ ଆଡ଼କୁ ନିଜକୁ ଖୋଲି ଧରିବା ଓ ଅସତ୍ୟକୁ ନିରନ୍ତର ଭାବରେ ପ୍ରତ୍ୟାଖ୍ୟାନ କରିବା। ଏକ ଦୁର୍ନୀତି ମୁକ୍ତ ଭାରତ କେବଳ ଦୁର୍ନୀତିମୁକ୍ତ ପୃଥିବୀର ସ୍ୱପ୍ନ ଦେଖି ପାରିବ।

**ତୃତୀୟ ଯୁକ୍ତି:** ଭାରତର ନାରୀକୁ ଅଧିକରୁ ଅଧିକ ଇନ୍ଦ୍ରିୟସୁଖ ବର୍ଜନ କରିବାକୁ ହେବ। ଶ୍ରୀ ଅରବିନ୍ଦ ସାବିତ୍ରୀ ମହାକାବ୍ୟରେ ନାରୀକୁ ନେଇ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାହେଲା "ଉଷାର କୁମାରୀ କନ୍ୟାମାନେ" ଦେଶର ଭବିଷ୍ୟତ, "I witnessed the virgin bridals of the dawn." "ଯେଉଁ ନାରୀ ନିଜର ମନ, ପ୍ରାଣ ଓ ଶରୀରକୁ ଅଛୁଆଁ ଓ ପବିତ୍ର ରଖେ ସେ ସବୁ ଜଗତରେ ଭଗବାନଙ୍କର ସାନ୍ନିଧ ଓ ଆନନ୍ଦକୁ ପୂର୍ଣ୍ଣଭାବରେ ପ୍ରାପ୍ତ ହୁଏ।" "Virgin who comest perfected by joy" ତେବେ ପରାପ୍ରକୃତି ଅଧିନସ୍ଥ ଭାରତୀୟ ନାରୀ ଅପରାପ୍ରକୃତି ଅଧିନସ୍ଥ ପୃଥିବୀକୁ ମାର୍ଗ ଦର୍ଶନ ଦେଇପାରିବ ଓ କୁମାରୀ ପୃଥିବୀର

ସ୍ୱପ୍ନ ଦେଖିପାରିବ।   **ଶ୍ରୀ ମା ମନେପକାଇ କୁହନ୍ତି, "ଶ୍ରୀ ଅରବିନ୍ଦ କୁଆଡେ ସଦାବେଳେ କହୁଥିଲେ, ଜଣେ ନାରୀ କେବଳ ଅତିମାନସ ଜୀବନ ଓ ସାଧାରଣ ଜୀବନ ମଧରେ ସେତୁ ସ୍ଥାପନ କରିପାରିବ|"**

**ଚତୁର୍ଥ ଯୁକ୍ତି:** ଭାରତର ଧନିକ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କୁ ଶ୍ରୀ ଅରବିନ୍ଦଙ୍କ 'ଦିବ୍ୟ ଜୀବନ' ଗ୍ରନ୍ଥର ନିର୍ଦ୍ଦେଶ ଅନୁସାରେ ସେମାନେ ମନେ ରଖିବା ଆବଶ୍ୟକ ଯେ ବାହ୍ୟ ଜୀବନରେ ଧନ ବୃଦ୍ଧି କରିବା ଏକମାତ୍ର ଆଭିମୁଖ୍ୟ ନୁହେଁ, ଏହି ବାହ୍ୟ ଜଗତକୁ ବାଦଦେଇ ନଅଟି ଅନ୍ତର ଜଗତ ମଧ ରହିଛି। ତାର ବୈଭବକୁ ମଧ ବୃଦ୍ଧି କରିବାକୁ ହେବ। ତେବେ ଭାରତ ଏକ ବୈଭବଶାଳୀ ପୃଥିବୀର ସ୍ୱପ୍ନ ଦେଖି ପାରିବ।

ଭବିଷ୍ୟତରେ ଭାରତ ଜଗତର ଗୁରୁ ହୋଇପାରିବ ତାର ସାମୁହିକ ଆତ୍ମଶକ୍ତିକୁ ବହୁଗୁଣିତ କାରିବା ଦ୍ୱାରା ଏବଂ ଏହି ଆତ୍ମଶକ୍ତି ପୂର୍ଣ୍ଣାଙ୍ଗ ଶିକ୍ଷା ଓ ପୂର୍ଣ୍ଣ ଯୋଗର କଠୋର ଆତ୍ମ ଶୃଙ୍ଖଳା ମାଧମରେ ତ୍ୱରାନ୍ୱିତ ହୋଇପାରିବ।

*ଓଂ ତତ୍ ସତ୍*

# ଶ୍ରୀ ମା'ଙ୍କ ଆଦର୍ଶ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ

ଶ୍ରୀ ମାତୃନିକେତନ ଆଶ୍ରମ ଶ୍ରୀ ଅରବିନ୍ଦକେନ୍ଦ୍ର,

Managed by The Mother's International Centre Trust,

Regd.No-146/24.11.97. ଗ୍ରାମ: ରାମଚନ୍ଦ୍ରପୁର, ସା: କୁକୁଡାଖଣ୍ଡି-୭୬୧୧୦୦

Via: ବ୍ରହ୍ମପୁର, ଜିଲା: ଗଞ୍ଜାମ, ଓଡିଶା, ଭାରତ

www.srimatriniketanashram.com